# Akashvani, Sambalpur

# SAMBALPURI NEWS MORNING BULLETIN

## 21 April 2026 - 6.47- 6.52 am.

---

ରାଷ୍ଟ୍ରପତି- ଓଡ଼ିଶା          ପି.ଆଇ.ବି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଦିନ୍‌କିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ରାଉର୍‌କେଲା ସେକ୍ଟର୍ ୧୩ ଏୟାର୍‌ପୋର୍ଟ ଗ୍ରାଉଣ୍ଡ୍ ଠାନେ ଆଏଜ୍ ସଖାଲ୍‌ବେଲା ହେବାର୍‌କେ ଥିବା ଆଦିପରବ୍ ୨୦୨୬ ଥି ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ । ଇତାର୍‌ଛଡ଼ା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଉର୍‌କେଲା ଠାନେ ଗୁଟେ ପ୍ଲାନେଟୋରିୟମ୍ ଆଉ ବିଜ୍ଞାନ୍ କେନ୍ଦ୍ର, ନିର୍ମଲ୍ ମୁଣ୍ଡା ପରିବେଶ୍ ପଥ, ଜନଜାତି ସଂଗ୍ରହାଳୟ ଆଉ କମାଣ୍ଡ୍ ଆଉ ନିୟନ୍ତ୍ରଣ କକ୍ଷକେ ଭିଲ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜ୍ୟପାଲ୍          ଆଇ ଆଣ୍ଡ୍ ପି.ଆର୍

ସବୁଦିନିଆ ଜୀବନ୍‌ଥି ଓଡ଼ିଆ ଭାଷାର୍ ବେଭାର୍‌କେ ବଢ଼ାବାର୍ ସହେତେ ଆଏବା ପିଢ଼ି ପାଶେ ପହଁଚାବାର୍ ଲାଗି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ । ଭୁବନେଶ୍ୱର୍ ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ନ କହୁଛି ଓଡ଼ିଶା ପତ୍ରିକା ଆଉ ତାର୍ ୱେବ୍ ପୋର୍ଟାଲ୍‌ର ଉନ୍ମୋଚନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଜ୍ୟପାଳ କହିଛନ୍, କେନ୍‌ସି ଭାଷା ସକ୍ରିୟ ଭାବେ କଥିତ ହେବାର୍ ସହେତେ ପିଢ଼ି ନୁ ପିଢ଼ିକେ ପ୍ରେରିତ ହେଲେ ସେଟା ସମୃଦ୍ଧ ହେସି । ଓଡ଼ିଶାର୍ ତିହାର୍ ବାହାର, କଳା ଆଉ ସଂସ୍କୃତି ରାଜ୍ୟର୍ ଖାସ୍ ପରିଚୟକେ ଦର୍ଶାସି ବଲି ରାଜ୍ୟପାଲ୍ ଇ ଅବ୍‌ସରେ କହିଛନ୍ ।

ସାମୂହିକ୍ ବିବାହ କାର୍ଯ୍ୟକ୍ରମ୍          ଆଇ ଆଣ୍ଡ୍ ପି.ଆର୍

ସାମାଜିକ ସୁରକ୍ଷା ଆଉ ଲିଙ୍ଗଗତ ସମାନତାକେ ବର୍‌କସ୍ କର୍‌ବାର୍ ଆଉ ଆର୍ଥିକ୍ ଦୃଷ୍ଟିନୁ ପଛୁଆବର୍ଗର୍ ଲୁକ୍‌କୁ ସାହାଜ୍ ଯୁଗେଇ

ଦେବାର୍ ଲାଗି ରାଜ୍ୟ ସର୍କାର୍ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା ମୁଲ୍ କରିଛନ୍ । ରାଜ୍ୟ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ ଆଏଜ୍ ରାଜ୍ୟର୍ ୨୭ ଟା ଜିଲ୍ଲା ନ ହଜାରେ ନୁ ଅଏତ୍କା ଯୁବତୀଙ୍କର୍ ସାମୂହିକ୍ ବିବାହ କାର୍ଯ୍ୟକ୍ରମ୍ ହେବା । ଯୋଜ୍ନା ଅନ୍ସାରେ ଫିʼ ବିହାଘର୍ ଲାଗି ରାଜ୍ୟ ସର୍କାର୍ ୬୦ ହଜାର୍ ଟଙ୍କାର୍ ସାହାଜ୍ ଦେବାର୍ ସହେତେ ବିହାଘରର୍ ସବୁ ଖର୍ଚ୍ଚା ଉଠଉଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ ଆଣ୍ଡ୍ ପି.ଆର୍

ଭୁବ୍ନେଶ୍ୱର୍ ୟୁନିଟ୍-୨ ଅଶୋକ୍ ନଗର୍ ଆଘର୍ ସର୍କାରୀ ପ୍ରାଥମିକ ବିଦ୍ୟାଲୟ ନ ଆଏବା ୨୭ ତାରିଖ୍ ସୋମ୍ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଇଥିର୍ଲାଗି ଅନ୍ଲାଇନ୍ ପଞ୍ଜିକରଣ୍ ଆଏବା କାଏଲ୍ ସଖାଲର୍ ୧୧ ବଜେନୁ ମୁଲ୍ ହେବା । ଇଚ୍ଛୁକ ଲୁକେ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ ଜନାବାର୍ ଲାଗି ଜନଶୁଣାଣି ପୋର୍ଟାଲ୍ କି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍ବେ ବଲି ସାଧାରଣ୍

ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍ନା ଦିଆଯାଇଛେ ।

ବାଚସ୍ପତି ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ସମ୍ବିଧାନ୍‌ର ଦଶମ ଅନୁସୂଚୀ ଅନ୍‌ସାରେ ପୁରୀ ଠାନେ ଆଏଜ୍ ବାଚସ୍ପତିଙ୍କର୍ କାମ୍‌କାଜ୍ ବାବଦ୍ ଗୁଟେ କମିଟିର୍ ବୈଠକ୍ ହେବା । ଇଥି ମହାରାଷ୍ଟ୍ର, ଓଡ଼ିଶା, ନାଗାଲାଣ୍ଡ୍ ବିଧାନ୍‌ସଭାର୍ ବାଚସ୍ପତି ମାନେ ଯୋଗ୍ ଦେବେ । ସମ୍ମିଲନୀଥି ଲୋକ୍‌ସଭା ଆଉ ବିଧାନ୍‌ସଭାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଦକ୍ଷତା ବିକାଶ୍ ପାଠ୍ୟକ୍ରମ୍-ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬-୨୭ ଶିକ୍ଷା ବଛର୍ ଲାଗି ଭୁବ୍‌ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ବଛର୍‌କିଆ ଅତ୍ୟାଧୁନିକ୍ ଦକ୍ଷତା ବିକାଶ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଚ୍ଛୁକ

ଛାତ୍ରଛାତ୍ରୀମାନେ କେନ୍ଦ୍ରର୍ ୱେବ୍‌ସାଇଟ୍‌ଥି ଆଏବା ୩୦ ତାରିଖ୍‌ତକ୍ ନାଁଲେଖା ଲାଗି ଆବେଦନ୍ କରିପାର୍‌ବେ ବଲି ଦକ୍ଷତା ବିକାଶ୍ ଆଉ ବୈଷିୟକ୍ ଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବାହାର ଚନ୍ଦନ୍ ଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ଅଖିତୃତୀୟା ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍ ୨ ଟା ମୁଖିଆ ପରବ୍ ପାଲିତ୍ ହେଇଯାଇଛେ । ମାହାପୁରୁମାନ୍‌କର୍ ରଥଯାତ୍ରା ଲାଗି ରଥ ତିଆର୍ ଅନୁକୂଳ ହେଇଥିବାର୍ ବେଲେ ନରେନ୍ଦ୍ର ପୋଖରୀ ନ ୨୧ ଦିନ୍ ଧରିକରି ହେବାର୍‌କେ ଥିବା ବାହାର ଚନ୍ଦନ୍ ଯାତ୍ରା ଭିଲ୍ ମୁଲ୍ ହେଇଛେ । ଇଥିର୍‌ଲାଗି ଶ୍ରୀକ୍ଷେତ୍ର ପୁରୀ ନ ଭକ୍ତମାନ୍‌କର୍ ଜବର୍ ଭିଡ଼୍ ଦେଖିବାର୍‌କେ ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ପବିତ୍ର ଚନ୍ଦନ୍‌ଯାତ୍ରା ଶ୍ରୀମନ୍ଦିର୍ ନ ସବୁନୁ ଅଏତ୍‌କା ଦିନ୍ ଲାଗି ପାଲିତ୍ ହେଉଥିବା ଗୁଟେ ପରବ୍ ଆଏ । ଇ ବାବ୍‌ଦେ ଶ୍ରୀଜଗନ୍ନାଥ୍ ସଂସ୍କୃତି ଗବେଷକ ସୌମ୍ୟ ପଣ୍ଡା ଆକାଶ୍‌ବାଣୀକେ କହିଛନ୍--

(ଭଏସ୍ ଓଭର୍- ସୌମ୍ୟ ପଣ୍ଡା)

ଜେଇଇ ମେନ୍ ସେସନ୍-୨-ରିଜଲ୍ଟ       ଆର୍ଏନ୍ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ମେନ୍ ସେସନ୍-୨ ର ପେପର୍ ୱାନ୍ ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ଜାତୀୟ ପରୀକ୍ଷଣ୍ ସଂସ୍ଥାନ - ଏନ୍‌ଟିଏ ପରିଚାଲିତ୍ ଇ ପରୀକ୍ଷାଥି ୨୬ ଝନ୍ ପ୍ରରୀକ୍ଷାର୍ଥୀ ଶହେ ପ୍ରତିଶତ୍ ରିଜଲ୍ଟ କରିଛନ୍ । ଓଡ଼ିଶାର୍ ଭବେଶ୍ ପାତ୍ର ଶହେ ପର୍‌ସେଂଟାଇଲ୍ ମାର୍କ ରଖିକରି ଓଡ଼ିଶା ଟପ୍ପର୍ ହେଇଛନ୍ । ଜେଇଇ ମେନ୍ ସେସନ୍- ୨ ପରୀକ୍ଷା ଇ ମାସ ୨ ତାରିଖିନୁ ୮ ତାରିଖିତକ୍ ହେଇଥିଲା ।

ଜାତୀୟ ସିଭିଲ୍ ସାର୍ଭିସ୍ ଦିବସ୍       ଆର୍ଏନ୍ୟୁ/ ସମ୍ବଲପୁର

ଜାତୀୟ ନାଗରିକ ସେବା ଦିବସ୍ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ସର୍‌କାରୀ କର୍ମଚାରୀମାନ୍‌କର୍ କଠିନ୍ ପରିଶ୍ରମ, ନିଷ୍ଠାର୍ ଲାଗି ସାଧାରଣ ଲୁକ୍‌କର୍ ଜୀବନ୍ ଯାତ୍ରା ସହଜିଆ ହେଇପାରିଛେ । ଇଥିର୍‌ଲାଗି ସେମାନ୍‌କୁ ସମ୍ମାନ୍

ଜନାବାର୍ ଉଦ୍ଦେଶ୍ୟ୍ରେ ଆଏଜ୍ ଜାତୀୟ ନାଗରିକ ସେବା ଦିବସ୍ ପାଲନ୍ କରାଯାଉଛେ । 'ବିକଶିତ୍ ଭାରତ୍ ଶେଷ୍ ମାଇଲ୍‌ତକ୍ ନାଗରିକ୍ କୈନ୍ଦ୍ରିକ ଶାସନ୍ ଆଉ ବିକାଶ୍' କେ ଇ ବଛର୍ ଜାତୀୟ ନାଗରିକ ସେବା ଦିବସର୍ ବାର୍ତା ରଖାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଡ୍‌ବାର୍‌କେ ଲାଗିଛେ । ଗଲା କିଛି ଦିନ୍ ହେଲା ପଶ୍ଚିମ୍ ଓଡ଼ିଶାର୍ ଭିନ୍ ଭିନ୍ ସହର୍ ନ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରେକର୍ଡ୍ କରାଯାଉଛେ । ଆଏବା କାଏଲ୍‌ତକ୍ ରାଜ୍ୟର୍ ୨୪ ଟା ଜିଲ୍ଲାର୍ ଗୁଟେ ଜୁଡ୍ରେ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ସାମାଏନ୍ ନୁ ମଧ୍ୟମ ଧରଣ୍‌ର ବର୍ଷା ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ ।